ଶନିବାର, ୦୮ ଜୁନ୍, ୨୦୨୪

# ପିଲାଙ୍କ ଧରିତ୍ରୀ



# ଦୟାର ଫଳ



ଗପ

ନଦୀ କୂଳରେ ଝଙ୍କାଳିଆ ବରଗଛଟେ ଥିଲା। ସେଇ ଗଛ ତଳେ ତିନି ସାଙ୍ଗ ରହୁଥିଲେ ଜନ୍ଦା, ପିମ୍ପୁଡ଼ି ଆଉ କଙ୍କଡ଼ା। ଆଖ ପାଖରେ ଯାହା ମିଳେ ସେମାନେ ତିନିଜଣଯାକ ବାଣ୍ଟିକୁଣ୍ଟି ଖାଆନ୍ତି। ଖାଦ୍ୟ ଆଶାରେ ଦିନେ ଦିନେ ତିନି ସାଙ୍ଗଙ୍କୁ ଦୂରକୁ ବି ଯିବାକୁ ପଡ଼େ। ସେହି ଗଛ ଡାଳରେ ଗୋଟେ ମାଙ୍କଡ ରହୁଥିଲା। ତିନି ସାଙ୍ଗଙ୍କ ବନ୍ଧୁତା ଦେଖି ସେ ଭାରି ଖୁସି ହୁଏ।

ତିନି ସାଙ୍ଗ ଖାଦ୍ୟ ସନ୍ଧାନରେ ଯେତେବେଳେ ଦୂରକୁ ଯାଆନ୍ତି ମାଙ୍କଡକୁ ଭାରି କଷ୍ଟ ଲାଗେ। ସେ ଭାବେ ଡାଳକୁ ଡାଳ ଡେଇଁଲେ ମତେ ଖାଦ୍ୟ ମିଳି ଯାଉଛି ହେଲେ ଏ ତିନି ସାଙ୍ଗଙ୍କୁ କେତେ ଦୂରକୁ ଯିବାକୁ ପଡୁଛି। ଦିନେ ମାଙ୍କଡ ମନରେ ଦୟା ହେଲା। ସେ ବାଛିବାଛି ପାଚିଲା ବରଫଳ କେଇଟା ତଳକୁ ଫିଙ୍ଗିଦେଲା। ଜନ୍ଦା, ପିମ୍ପୁଡ଼ି ଆଉ କଙ୍କଡ଼ା ବରଫଳ ଦେଖି ଖୁସି ହେଇଗଲେ। ମନ ଆନନ୍ଦରେ ତିନିଜଣ ମିଳିମିଶି ଖାଇଲେ। ମାଙ୍କଡ ଜାଣିଲା ତିନି ଜଣଙ୍କର ବରଫଳ ପସନ୍ଦ। ଏଥର ତିନି ସାଙ୍ଗ ଖେଳୁଥିବା ବେଳେ ମାଙ୍କଡ ଉପରୁ ବରଫଳ ପକାଏ, ସେମାନେ ଖାଆନ୍ତି ଆଉ କିଛି ବସାରେ ନେଇ ସାଇତି ରଖନ୍ତି। ଯାହାଫଳରେ ସେମାନଙ୍କୁ ଆଉ ବାହାରକୁ ଯିବାକୁ ପଡିଲା ନାହିଁ, ମାଙ୍କଡ ଯାହା ଦିଏ ତାକୁ ଖାଇ ସେଇଥିରେ ସନ୍ତୁଷ୍ଟ ହୋଇଯାନ୍ତି।

ଦିନେ କଙ୍କଡ଼ା ଦୁଇ ସାଙ୍ଗକୁ କହିଲା ମାଙ୍କଡ ଭାଇ ସତରେ ଭାରି ଭଲ। ସେ ଅଛନ୍ତି ବୋଲି ଆମକୁ ଖାଦ୍ୟ ପାଇଁ ଆଉ ଦୂରକୁ ଯିବାକୁ ପଡୁନାହିଁ। ପିମ୍ପୁଡ଼ି କହିଲା, ସେ ଆମର ବନ୍ଧୁ ନ ହୋଇ ବି ସେ ଆମ ପ୍ରତି ଉପକାର କରୁଛନ୍ତି। ଜନ୍ଦା କହିଲା, ଆଗରୁ ଆମକୁ କେତେ କଷ୍ଟ କରିବାକୁ ପଡୁଥିଲା। ଏବେ ଆରାମରେ ଖାଦ୍ୟ ପାଇଯାଉଛୁ। ତିନି ସାଙ୍ଗ ନିଷ୍ପତ୍ତି ନେଲେ ମିଳିମିଶି ମାଙ୍କଡ ଭାଇକୁ କୋଉ ଦିନ ଧନ୍ୟବାଦ ଜଣାଇବେ। ଖେଳକୁଦ ବୁଲାବୁଲିରେ ତିନିସାଙ୍ଗଙ୍କର ଦିନ ବିତିଗଲା। ଦିନେ ବରଗଛରେ ଗୋଟେ କାଉ ଆସି ବସିଲା। ସେ କାଉଟା ଭାରି ହିଂସ୍ର ପ୍ରକୃତିର ଥିଲା। ଉପରେ ପଡ଼ି ମାଙ୍କଡ଼କୁ ଖୁବ୍ ହଇରାଣ କଲା। ମାଙ୍କଡ ଯୋଉ ଡାଳକୁ ଗଲା କାଉ ତାକୁ ଗୋଡ଼େଇ ଗୋଡ଼େଇ ଖୁମ୍ପିଲା। ବରଗଛ ଆଖପାଖରେ ଖାଲି ବୁଲିଲା। ମାଙ୍କଡ଼ ଯେତେ ପ୍ରକାର ବୁଦ୍ଧି ଖଟେଇଲା କିଛି ବି କାମ ଦେଲା ନାହିଁ। ଜନ୍ଦା, ପିମ୍ପୁଡ଼ି ଆଉ କଙ୍କଡ଼ା ଏସବୁ ଦେଖି ଆଦୌ ସହିପାରିଲେ ନାହିଁ। କଙ୍କଡ଼ା କହିଲା, ମାଙ୍କଡ ଭାଇର କେହି କ୍ଷତି କରିବ ଆଉ ଆମେ ଚୁପ୍ ରହିବା। ତୁମେ ଦୁଇ ଜଣ ବରଗଛ ଡାଳରେ ଲୁଚିଲୁଚି ଯାଅ। କାଉ ଯେମିତି ଦୁଇ ଜଣଙ୍କୁ ନ ଦେଖେ । ଚୁପ୍ କି ତାକୁ ଏମିତି କାମୁଡ଼ିବ ଯେ ସେ ଆଉ ଏ ବରଗଛ କ'ଣ ଆଖପାଖରେ ବି ଆଉ ଦିଶିବ ନାହିଁ। ଜନ୍ଦା, ପିମ୍ପୁଡ଼ି ଲୁଚିଲୁଚି ଗଛ ଉପରକୁ ଚଢ଼ିଲେ। କାଉ ଏଇ ସମୟରେ ଗୋଟେ ଡାଳରେ ବସିଥିଲା। ଥିଲେ ଥିଲେ ଦିହେଁ କାଉର ଦୁଇ ଗୋଡ଼କୁ କାମୁଡ଼ି ଦେଲେ। କାଉ ବିଚରା ଯାଏ କୁଆଡ଼େ। ଚିତ୍କାର ଛାଡ଼ିଲା ମରିଗଲି ମରିଗଲି। କୁଆଡ଼େ ଉଡ଼ିକି ଯିବ ବାଟ ପାଇଲା ନାହିଁ। ସେପଟେ ମାଙ୍କଡ ଚୁପ୍ ହେଇ ବସିଥାଏ, ସବୁକିଛି ଚଟାପଟ ହେଇଗଲା ସେ କିଛି ବି ବୁଝି ପାରୁ ନ ଥାଏ। ସେଇଦିନୁ କାଉ ଆଉ ବରଗଛ ଆଡ଼େ ଆସେନାହିଁ। ଏବେ ତିନିସାଙ୍ଗ ମିଳିମିଶି ରହୁଛନ୍ତି ଆଉ ତାଙ୍କ ସହିତ ମାଙ୍କଡ଼ର ବି ଭଲ ବନ୍ଧୁତା ହେଇଯାଇଛି। ତେଣୁ ପିଲାମାନେ ଏହି ଗପରୁ ଆମେ ଜାଣିପାରିଲେ କି ଭଲ କାମର ପରିଣାମ ସବୁବେଳେ ଭଲ ହୋଇଥାଏ ଆଉ ଖରାପ କାମ କଲେ ଦଣ୍ଡ ନିଶ୍ଚୟ ମିଳିବ।

**– ଦେବେନ୍ଦ୍ର କର**
ମଙ୍ଗଳାବାଗ, ନିୟୋଗି କଲୋନି, କଟକ
ମୋ: ୯୯୩୭୯୬୩୯୧୦

## ଖିଲି ଖିଲି ହସ

ଚିଣ୍ଟୁକୁ ମଶା କାମୁଡିବାରୁ ସେ ରାତି ସାରା ରୁମ୍‌ରେ ଦୌଡିଲା। ସକାଳ ହୋଇଗଲା ହେଲା ମଶା ମଲାନି। ଚିଣ୍ଟୁ କହିଲା– ମଶା ମାରିପାରିଲିନି ବୋଲି କ'ଣ ହେଲା ! ତାକୁ ବି ରାତିସାରା ଶୁଆଇ ଦେଲିନି।

ମଣ୍ଟୁ ଗଧକୁ ଧରି ସ୍କୁଲ୍ ଆସିଲା। ଏହା ଦେଖି ମିସ୍ କହିଲେ ଆରେ ମଣ୍ଟୁ ତୁମେ କ'ଣ ଗଧକୁ ସ୍କୁଲ୍ ନେଇକି ଆସିଛ ?
ମଣ୍ଟୁ: ମିସ୍, ଆପଣ କହିଥିଲେ ମୁଁ ଗଧକୁ ମଣିଷ କରିଛି, ଭାବିଲି ଆକୁ ଟିକେ ମଣିଷ କରିଦେବେ !

ଜଣେ ବ୍ୟକ୍ତି ଡାକ୍ତରଙ୍କ ନିକଟକୁ ଗଲା,ସେଠାରେ ଡାକ୍ତରଙ୍କୁ କହିଲା–ସାର୍ , ମୋର ମୋଟାପଣ କିପରି ଦୂର ହେବ ?
ଡାକ୍ତର: ନିଜ ବେକକୁ ବାମ ଡାହାଣ କରିବ
ବ୍ୟକ୍ତି: କେତେବେଳେ
ଡାକ୍ତର: ଯେତେବେଳେ ତୁମକୁ କିଏ ଖାଇବାକୁ ଦେବ ସେତେବେଳେ ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ମତାମତ

▶▶ପୃଷ୍ଠା–୩ରେ ପ୍ରକାଶିତ 'ସବୁବେଳେ ଭଲ ନୁହେଁ' ଶିକ୍ଷଣୀୟ।
–ସୁମନ ନାୟକ, ବାଲେଶ୍ୱର

▶▶'କବିତା' ସ୍ତମ୍ଭରେ ପ୍ରକାଶ ପାଉଥିବା କବିତାଗୁଡିକ ମନଛୁଆଁ ହୋଇପାରୁଛି।
–ଅସ୍ମିତା ପ୍ରିୟଦର୍ଶିନୀ, ପୁରୀ

▶▶'କହିଲ ଦେଖି' ସ୍ତମ୍ଭରୁ ଢେର କଥା ଜାଣିବାକୁ ମିଳୁଛି ।
–ପ୍ରକାଶ କୁମାର ଦାସ, ରାଉରକେଲା

▶▶'ତୁମ ତୂଳୀରୁ'ରେ ପ୍ରକାଶ ପାଉଥିବା ଚିତ୍ରଗୁଡିକ ସୁନ୍ଦର ଲାଗୁଛି।
–ବିପିନ ମହାନ୍ତି, କଟକ

## ରଙ୍ଗ ଦିଅ



# ହେଲ୍‌ଦି ସ୍ନାକ୍ସ- ଭଜାବୁଟ

**ଆଜିକାଲି ପ୍ରାୟ ସମସ୍ତେ ଚିପ୍ସ, ପାସ୍ତା, ପେଷ୍ଟ୍ରି ଆଦି ବିଭିନ୍ନ ପ୍ରକାର ସ୍ନାକ୍ସ ପସନ୍ଦ କରୁଛନ୍ତି। କିନ୍ତୁ ଏସବୁ ତୁଳନାରେ ଭଜାବୁଟ ଏକ ସୁନ୍ଦର ବିକଳ୍ପ।**



- ଭଜାବୁଟ ଖାଇଲେ ଶରୀରକୁ ପ୍ରୋଟିନ୍ ଓ ଫାଇବର ମିଳେ। ସବୁ ଋତୁରେ ଏହାକୁ ଖାଇହେବ। ଏଥିରେ ଆଇରନ ଓ ଆଣ୍ଟିଅକ୍ସିଡାଣ୍ଟ ବହୁ ମାତ୍ରାରେ ରହିଛି।
- ଏଥିରେ ଫାଇବର ଓ ପ୍ରୋଟିନ୍ ଅଧିକ ଥିବାରୁ ମଧୁମେହ ରୋଗୀଙ୍କ ପାଇଁ ଏହା ବହୁତ ଭଲ। ଏଥିରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥାଏ। ତେଣୁ ଏହାକୁ ଖାଇଲେ ରକ୍ତରେ ଶର୍କରା ସ୍ତର କମ୍ ରହିଥାଏ।
- ଶରୀରରେ ଖରାପ (ବ୍ୟାଡ୍) କୋଲେଷ୍ଟେରଲ୍‌କୁ ଏହା ନିୟନ୍ତ୍ରିତ କରିଥାଏ। ନଚେତ୍ ଏହି କୋଲେଷ୍ଟେରଲ ଅଧିକ ରହିଲେ ହାର୍ଟ ଆଟାକ୍‌ର ଆଶଙ୍କା ସୃଷ୍ଟି ହୁଏ। କିନ୍ତୁ ବୁଟ ଭଜା ଖାଇବା ଫଳରେ କୋଲେଷ୍ଟେରଲ ନିୟନ୍ତ୍ରିତ ରହିବା ସହିତ ହାର୍ଟ ସୁସ୍ଥ ରହିଥାଏ।
- ଭଜାବୁଟ ଖାଇଲେ ହଜମ ସମ୍ପର୍କିତ କୌଣସି ସମସ୍ୟା ରହେ ନାହିଁ। ଏଥିରେ ଫାଇବର ଅଧିକ ଥିବାରୁ ଗ୍ୟାସ, ପେଟ ଦରଜ ଓ କୋଷ୍ଠକାଠିନ୍ୟ ଭଳି ସମସ୍ୟା ମଧ୍ୟ କମ୍ ହୁଏ।
- ପ୍ରତିଦିନ ଏହା ଖାଇଲେ ଓଜନ ମଧ୍ୟ ନିୟନ୍ତ୍ରିତ ହୋଇଥାଏ। କାରଣ ଏଥିରେ ପ୍ରୋଟିନ୍ ଥିବାରୁ ଅଧିକ ସମୟ ପର୍ଯ୍ୟନ୍ତ ପେଟ ପୂରିବା ଭଳି ଲାଗେ। ତେଣୁ ଓଭର ଇଟିଂ (ଅଧିକ ଖାଇବା)ରୁ ମଧ୍ୟ ନିବୃତ୍ତ ରହି ହୁଏ, ଯାହାଫଳରେ ଓଜନ ବଢେ ନାହିଁ।
- ଆନେମିଆ ରୋଗ ହେବା ପରେ ପ୍ରାୟତଃ ଭଜା ବୁଟ ଖାଇବା ପାଇଁ ପରାମର୍ଶ ଦିଆଯାଏ। କାରଣ ଏଥିରେ ଆଇରନ ଅଛି ଯାହା ଶରୀରରେ ରକ୍ତର ଅଭାବକୁ ପୂରଣ କରିଥାଏ।

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ଅତିଥି ସତ୍କାର

"ଅତିଥିମାନେ ଘରକୁ ଆସିଲେ ସେମାନଙ୍କର ଚର୍ଚ୍ଚାରେ ପରିବାରର ସଦସ୍ୟମାନେ ପ୍ରାୟ ବ୍ୟସ୍ତ ରହିଥାନ୍ତି। ଏହି ସମୟରେ ସେମାନଙ୍କ ପ୍ରତି ପିଲାମାନଙ୍କର ବ୍ୟବହାର, କଥାବାର୍ତ୍ତା ଶୈଳୀ ମାର୍ଜିତ ହେବା ନିହାତି ଦରକାର।"

ଘରକୁ କୁଣିଆ ବା ଅତିଥି ଆସିବା କିଛି ନୂଆ କଥା ନୁହେଁ। ବିଶେଷଭାବରେ ଏହି ସମୟରେ ପିଲାମାନଙ୍କର ଖୁସି କହିଲେ ନ ସରେ। ହେଲେ ଅତିଥିଙ୍କୁ ସମ୍ମାନ ଦେବା, ନମ୍ର ଭାବରେ କଥାବାର୍ତ୍ତା କରିବା ପ୍ରତି ପିଲାମାନେ ଦୃଷ୍ଟି ଦେବା ଦରକାର। ସେଥିପାଇଁ ନିମ୍ନଲିଖିତ ବିଷୟ ପ୍ରତି ସେମାନେ ଧ୍ୟାନ ଦେଇପାରନ୍ତି...

## ମନୋଭାବ

ସାଧାରଣତଃ ପିଲାମାନେ ସେମାନଙ୍କର ଚପଳମତି ବୟସରେ ପାଠ ପଢ଼ା ବ୍ୟତୀତ ଖେଳକୁଦରେ ବ୍ୟସ୍ତ ରହନ୍ତି। ହେଲେ ଆଉ କେତେକ ବିଷୟ ପ୍ରତି ସେମାନଙ୍କର ମନୋଭାବ ସକାରାତ୍ମକ ରହିବା ଦରକାର। ଘରକୁ କୌଣସି ଅତିଥି ଆସିଲେ ସେମାନଙ୍କୁ କିପରି ସମ୍ମାନ ଦିଆଯାଏ, ତାହା ପ୍ରଥମେ ଶିଖନ୍ତୁ। କୌଣସି ଅତିଥିଙ୍କୁ ଦେଖିଲେ ସେମାନଙ୍କୁ ପ୍ରଣାମ କରନ୍ତୁ। ତେଣୁ ଏହି ସମୟରେ ନିଜର ମନୋଭାବ ସକାରାତ୍ମକ ରହିବା ଦରକାର।

## କଥାବାର୍ତ୍ତା ଶୈଳୀ

ଜଣେ ପିଲାର ଆଚାର ବ୍ୟବହାର ଅନ୍ୟମାନଙ୍କୁ ପ୍ରଭାବିତ କରିବା ଦରକାର। ଅତିଥିଙ୍କ ସହ କଥା ହେବା ସମୟରେ ନମ୍ର ଭାବରେ କଥା ହୁଅନ୍ତୁ। ସେମାନେ କ'ଣ ପଚାରୁଛନ୍ତି ତାହାର ଉତ୍ତର ଦିଅନ୍ତୁ। ଅଯଥା କଥା ଆଲୋଚନା କଲେ ହୁଏତ ତାଙ୍କୁ ଖରାପ ଲାଗିପାରେ। ଅତିଥିଙ୍କ ସହ କଥା ହେବା ସମୟରେ ଯେମିତି ତୁମମାନଙ୍କର କଥାବାର୍ତ୍ତା ଶୈଳୀ ସେମାନଙ୍କ ମନରେ ଖରାପ ଭାବନା ନ ଆଣିବ ସେନେଇ ଦୃଷ୍ଟି ଦିଅନ୍ତୁ। ଏଭଳି କଥା ହୁଅନ୍ତୁ ଯେମିତି ସେମାନେ ଫେରିଯିବା ସମୟରେ ତୁମକୁ ପ୍ରଶଂସା କରିବେ।

## ବ୍ୟବହାର

ଅତିଥିମାନଙ୍କ ପ୍ରତି ପିଲାମାନଙ୍କର ବ୍ୟବହାର ଶାଳୀନ ହେବା ନିହାତି ଦରକାର। ଏ ବିଷୟରେ ମା-ବାପା ପିଲାମାନଙ୍କୁ ଶିଖାଇବା ଆବଶ୍ୟକ। ଛୋଟବେଳୁ ଏଥିପ୍ରତି ସଚେତନ ରହିଲେ ଯେତେବେଳେ ପିଲା ବଡ ହେବ ସେତେବେଳେ ସେହି ଅନୁସାରେ ସେମାନଙ୍କର ବ୍ୟବହାର ମାର୍ଜିତ ହେବ। ତେଣୁ ଠିକ୍ ସମୟରେ ପିଲାମାନେ ଯେପରି ନିଜ ବ୍ୟବହାର ବିଷୟରେ ଭଲ ଭାବରେ ଜାଣିବେ ସେ ନେଇ ମା-ବାପା ତଥା ପରିବାର ଗୁରୁଜନମାନେ ତାଙ୍କୁ ଶିଖାଇବା ଜରୁରୀ। ଏ ବିଷୟରେ ପିଲାଙ୍କୁ ଉଦାହରଣ ଦେଇପାରନ୍ତି। ଯେତେବେଳେ ସେମାନଙ୍କର ବ୍ୟବହାରରେ ରୁକ୍ଷତା ଦେଖିବାକୁ ପାଇଲେ ସଙ୍ଗେ ସଙ୍ଗେ ତାହାକୁ ସୁଧାରିବାକୁ କୁହନ୍ତୁ। ବିଶେଷଭାବରେ ଘରକୁ ଆସୁଥିବା ଅତିଥିମାନଙ୍କ ସହ କିପରି ଭଦ୍ର ବ୍ୟବହାର କରିବାକୁ ହେବ ଏ ସମ୍ପର୍କରେ ପିଲାମାନେ ଜାଣିବା ନିହାତି ଦରକାର।

## ପ୍ରଥମରୁ ପରିଚିତ କରାନ୍ତୁ

ଅପରିଚିତ ଲୋକଙ୍କ ସାମ୍ନାକୁ ପିଲା ଯଦି ଯାଆନ୍ତି ତେବେ ସେମାନେ ଟିକେ ଲାଜ କରିଥାନ୍ତି ଏଇଟା ସାଧାରଣ କଥା। ଏମିତିରେ ଜରୁରୀ ହୋଇଥାଏ ସେଥିପାଇଁ ଘରକୁ ଆସୁଥିବା ଅତିଥିଙ୍କର ଫଟୋ ସେମାନଙ୍କୁ ଦେଖାନ୍ତୁ କିମ୍ବା ତାଙ୍କର କୌଣସି ମଜାଦାର ଘଟଣା ପିଲାଙ୍କ ସହିତ ଶେୟାର କରନ୍ତୁ। ଯାହା ଫଳରେ ପିଲା ମନରେ ଥିବା ପ୍ରଶ୍ନର ଉତ୍ତର ସେମାନେ ସହଜରେ ପାଇଯିବେ। ଏହା ଦ୍ୱାରା ପିଲା ଅତିଥିଙ୍କ ଠାରୁ ନିଜକୁ ଦୂରେଇ ରଖିବ ନାହିଁ ସହଜରେ ସେମାନେ ତାଙ୍କ ସହ ମିଶିଯିବେ।

## ପ୍ରଶ୍ନ

ଘରକୁ କେହି ଅତିଥି ଆସିଲେ କେତେକ ପିଲା ପ୍ରଶ୍ନର ପାହାଡ ତାଙ୍କ ଉପରେ ଲଦି ଦିଅନ୍ତି। ହେଲେ ଏଭଳି ପ୍ରଶ୍ନ ପଚାରିବା ଶୈଳୀ ସକାରାତ୍ମକ ହେବା ଆବଶ୍ୟକ। ଅତିଥିଙ୍କୁ ଅଯଥାପ୍ରଶ୍ନ ପଚାରିଲେ ସେମାନେ ହୁଏତ ବିରକ୍ତ ଭାବ ପ୍ରକାଶ କରିପାରନ୍ତି। ଏପରିକି ପିଲାମାନଙ୍କ ପ୍ରତି ସେମାନଙ୍କ ମନରେ ଏକ ଭିନ୍ନ ଧାରଣା ସୃଷ୍ଟି ହୋଇପାରେ। ତେଣୁ ପିଲାମାନେ ସାବଲୀଳ ଢ଼ଙ୍ଗରେ ପ୍ରଶ୍ନ ପଚାରିଲେ ଅତିଥି ବେଶ୍ ଆଗ୍ରହର ସହ ସେଗୁଡ଼ିକର ଉତ୍ତର ଦେଇଥାଆନ୍ତି। ତେଣୁ ଏସବୁ ପିଲାର ମାନସିକତା ଉପରେ ହିଁ ନିର୍ଭର କରେ।

## ପ୍ରଶଂସା

ପ୍ରଶଂସା କୌଣସି ବି କାର୍ଯ୍ୟ ପାଇଁ ସହଭାଗିତା ରୂପେ କାମ କରିଥାଏ। ଅତିଥିଙ୍କ ଅନୁପସ୍ଥିତିରେ ପିଲାଙ୍କର ଚେଷ୍ଟାକୁ ପ୍ରଶଂସା କରନ୍ତୁ। ସେ ଯେତେ ଛୋଟ ହୋଇଥାଉନା କାହିଁ। ଯେମିତି ସେ ନମସ୍କାର କଲା ଆଉ ଅତିଥିଙ୍କୁ ନେଇ ପାଣି ଗ୍ଲାସ ଦେଲା ଏହା ଦେଖିବା ଦ୍ୱାରା ଅତିଥି ନିଜେ କହିଥାନ୍ତି କେତେ ସୁନ୍ଦର ପିଲା ,ପାଣି ନେଇକି ଆସିଛି ଇତ୍ୟାଦି। ଏହା କରିବା ଦ୍ୱାରା ସେ ଅନ୍ୟମାନେ ଆସିବା ସମୟରେ ସେତିକି ଉତ୍ସାହିତ ରହିବ। ପିଲା ଏସବୁ ଶିଖିଗଲା ପରେ ତାଙ୍କୁ ପ୍ରଶଂସା କରନ୍ତୁ। ଅଭିବାଦନ ଆଦିର ଅଭ୍ୟାସ ପିଲାଙ୍କର ରହିବା ଦରକାର। ଛୋଟ ପିଲାମାଟି ପିଣ୍ଡୁଳା ପରି ହୋଇଥାନ୍ତି ତାଙ୍କୁ ଯେମିତି ଗଢ଼ିବ ସେ ସେହିପରି ହେବେ। ଏଥିପାଇଁ ତାଙ୍କୁ ସାମାଜିକ ଚାଲିଚଳନ ଶିଖିବା,ବୁଝିବା ଏବଂ ସେଥିରେ ମିଶିଯିବା ଲାଗି ଟିକେ ସମୟ ଲାଗିବ। ତାଙ୍କଠାରେ ତୁରନ୍ତ ପରିବର୍ତ୍ତନ ଦେଖିବା ଭୁଲ୍ ହେବ। ପିଲା ଯଦି ଅତିଥିଙ୍କୁ ଦେଖି ଲୁଚୁଛି ତେବେ ତା ବିଷୟରେ ଅଧିକ ଚିନ୍ତା କରନ୍ତୁ ନାହିଁ। ଯଦି ତାକୁ କିଛି ସମୟ ଦେବ ସେ ଧିରେ ଧିରେ ମିଶିବାକୁ ଚେଷ୍ଟା କରିବେ। ଧୈର୍ଯ୍ୟ ରଖନ୍ତୁ, ମନରେ ବିଶ୍ୱାସ ଏବଂ ଭରସା ରଖନ୍ତୁ।



## ଏମାନେ କ'ଣ କରନ୍ତି..


### ଅତିଥିଙ୍କୁ ସମ୍ମାନ ଦିଏ



ଅତିଥିମାନଙ୍କୁ ମୁଁ ସବୁବେଳେ ଆମ ପରିବାରର ସଦସ୍ୟ ବୋଲି ଭାବିଥାଏ। ସେମାନେ ଘରକୁ ଆସିଲେ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦିଏ। କଥାବାର୍ତ୍ତାରେ ଯେପରି ଶାଳୀନତା ରହେ ସେଥିପ୍ରତି ଦୃଷ୍ଟି ଦିଏ। ମୋର ଯେମିତି ଟିକିଏ କଥା ତାଙ୍କ ମନକୁ ଆଘାତ ନ ଦିଏ ସେଥିଲାଗି ସବୁବେଳେ ସତର୍କ ଥାଏ। କାରଣ ଘରକୁ ଆସିଥିବା ଅତିଥିଙ୍କ ସମ୍ମାନ ହେଉଛି ବଡ କଥା। ତେଣୁ ସେଥିରେ ଯେମିତି ଟିକିଏ ହେଲେ ଆଞ୍ଚ ନ ଆସେ ସେଥିପାଇଁ ମୁଁ ସବୁବେଳେ ତତ୍ପର ଥାଏ।

—ଆରାଧ୍ୟା ଯୋଶୀ,
କ୍ଲାସ-୭,ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲ,ରାଉରକେଲା

### କଥାବର୍ତ୍ତା, ବ୍ୟବହାର ପ୍ରତି ଦୃଷ୍ଟି ଦିଏ



କଥାରେ ଅଛି 'ଅତିଥିଦେବୋ ଭବଃ'। ସେମାନେ ଘରକୁ ଆସିଲେ କିପରି ସେମାନଙ୍କର ଠିକ୍ ଭାବରେ ଚର୍ଚ୍ଚା କରାଯିବ ସେଥିଲାଗି ନିଜକୁ ପ୍ରସ୍ତୁତ କରିନିଏ। ସେମାନଙ୍କ ସହ ବେଶ୍ ଭଦ୍ର ଏବଂ ନମ୍ର ଭାବରେ କଥା ହୁଏ। ଅଯଥା କଥା ଆଦୌ ଆଲୋଚନା କରେନା। ମୋ ପ୍ରତି ସେମାନଙ୍କର ଯେମିତି କିଛି ଖରାପ ଭାବନା ନ ଆସୁ ସେଥିପ୍ରତି ଦୃଷ୍ଟି ଦିଏ। ସେମାନେ ଯଦି ମୋ ଠାରୁ କିଛି ଜାଣିବାକୁ ଚାହାନ୍ତି ତେବେ ମୋ ସାମର୍ଥ ଅନୁଯାୟୀ ତାଙ୍କୁ ସହଯୋଗ କରେ। ଅତିଥିଙ୍କ ମନରେ ଯେମିତି ଟିକିଏ ହେଲେ ଦୁଃଖ ନ ଆସେ ସେଥିପାଇଁ ସବୁବେଳେ ନଜର ଦେଇଥାଏ।

—ସାଇ ସାଗର ସାମଲ,
କ୍ଲାସ-୧୦,ସେଣ୍ଟ ଜାଭିୟର ହାଇସ୍କୁଲ,ପୁରୀ




୧



୨



୩





୪



୫



୬




୭



୮



**ଶୁଭଶ୍ରୀ ବେହେରା**
କ୍ଲାସ୍-୮, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ବିସିପୁର,ଉଦଳା, ମୟୂରଭଞ୍ଜ

୧

**ସୀତା ହେମ୍ବ୍ରମ**
କ୍ଲାସ୍-୯, ଶାଳଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟ, ମୟୂରଭଞ୍ଜ



୨



**ସାଇ ଶାଶ୍ୱତୀ ସେଠୀ**
କ୍ଲାସ୍- ୭, ଆଦର୍ଶ ବିଦ୍ୟାଳୟ, ହଂସପଡା, ନିମାପଡା

୩

**ନୈବେଦ୍ୟ ମହାନ୍ତି**
କ୍ଲାସ୍- ୧, ଶ୍ରୀଚୈତନ୍ୟ ସ୍କୁଲ, ଲକ୍ଷ୍ମୀନାରାୟଣପୁରା ଇଲେକ୍ଟ୍ରୋନିକ୍ ସିଟି, ବେଙ୍ଗାଲୁରୁ



୪



**ଶୁଭଲକ୍ଷ୍ମୀ ପୃଷ୍ଟି**
କ୍ଲାସ୍- ୭, ଶ୍ରୀମଦ ଭଗବଦ୍ ଗୀତା ବିଦ୍ୟାମନ୍ଦିର, ନୟାପଲ୍ଲୀ, ଭୁବନେଶ୍ୱର

୫

**ଅର୍ଚ୍ଚିତା ଦାଶ**
କ୍ଲାସ୍-୭, ଅମ୍ରିତା ବିଦ୍ୟାଳୟ, ଜାଆଁଳା, ଭୁବନେଶ୍ୱର



୬



**ଅଂଶୁମାନ ରାଉତ**
କ୍ଲାସ୍- ୬, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

୭

**ଅଭୟ ପଲାଇ**
କ୍ଲାସ୍- ୫, ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



୮



**ଆୟୁଷ କୁମାର ଦାସ**
କ୍ଲାସ୍- ୩, ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ, ଭୋଇସାହି କ୍ୟାମ୍ପସ୍, ବାଲେଶ୍ୱର

୯



୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



### ଐତିହାସିକ ସ୍ଥଳରେ ପେଣ୍ଟିଂ

କଳାକାରର କଳ୍ପନାଶକ୍ତି ପ୍ରାୟତଃ ଭିନ୍ନ ହୋଇଥାଏ। କଳା ମାଧ୍ୟମରେ ସେ ସବୁବେଳେ କିଛି ଭିନ୍ନ ପ୍ରଦର୍ଶନ କରିବାକୁ ଚେଷ୍ଟା କରେ। ଠିକ୍ ଏମିତି କିଛି କରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି ଚାଇନାର ଜଣେ ଚିତ୍ରକର। ଗ୍ରେଟ୍ ୱାଲ୍ ଅଫ୍ ଚାଇନାରେ ସବୁଠୁ ଲମ୍ବା ଚିତ୍ର କରି ସେ ଏହି ସ୍ୱତନ୍ତ୍ରତା ହାସଲ କରିଛନ୍ତି। ଏକକ ଚିତ୍ରକର ଭାବେ ଏଭଳି ଏକ ରେକର୍ଡ କରିଥିବା କଳାକାରଜଣକ ହେଉଛନ୍ତି ଗୁ ଫେଙ୍ଗ୍। ଜଣେ ମହିଳା ଚିତ୍ରକର ହୋଇ ଏଭଳି କାମ କରି ଏବେ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ତାଙ୍କ ଚିତ୍ରଟିର ଲମ୍ୱ ୧,୦୧୪ ମିଟର। ଐତିହାସିକ ଗ୍ରେଟ୍ ୱାଲ ଅଫ୍ ଚାଇନାରେ ଏହି ଚିତ୍ରକୁ ସମ୍ପୂର୍ଣ୍ଣ କରିବା ପାଇଁ ତାଙ୍କୁ ୬୦ ଦିନ ଲାଗିଥିଲା। ତେବେ ସମୟ ଅନୁସାରେ କିଭଳି ସଭ୍ୟତାର ପରିବର୍ତ୍ତନ ହୋଇଛି ତାହାକୁ ସେ ଚିତ୍ର ମାଧ୍ୟମରେ ପ୍ରଦର୍ଶନ କରାଇଛନ୍ତି। ଚଳିତବର୍ଷ ଜାନୁୟାରୀ ମାସରେ ସେ ତାଙ୍କର ଏହି ରେକର୍ଡ ନେଇ ସୋସିଆଲ ମିଡିଆରେ ଜଣାଇଛନ୍ତି।

## କବିତା



### ମଧୁକର

ଗୁଣୁ ଗୁଣୁ ଧୀର ସ୍ୱର
ମିଶିଗଲେ ସଭିଙ୍କର
ଶୁଭି ଥାଏ ବହୁ ଦୂର
ମୁହିଁ ଅଟେ ମଧୁକର।
ସୁନ୍ଦର ମୋ ଛୋଟ ଘର
ରାଣୀ ଅଟେ ପାରିବାର
ମଧୁ ଶୋଷି ଫୁଲଠାରୁ
ସଞ୍ଚି ଥାଏ ବାସ ଘର।
ସଞ୍ଚିତ ନିଜ ଆହାର
ଜଗି ରଖ ନିରନ୍ତର
ଚୋରକୁ ଭୟ ନ କର
ଗୁଣ ଶିଖ ଏକତାର।
ଆଳସ୍ୟକୁ ତ୍ୟାଗ କର
କର୍ମଠ ହୁଅରେ ବୀର
ଶ୍ରମ ଜୟ ଜ୍ଞାନ କର
ମୁହିଁ ଅଟେ ମଧୁକର।

**– ବୈକୁଣ୍ଠ ବିହାରୀ ସ୍ୱାଇଁ**
ଶରଣ ଶ୍ରୀକ୍ଷେତ୍ର,ଏକଘରିଆ, ଢେଙ୍କାନାଳ
ମୋ: ୯୯୩୭୨୩୯୮୨୮

### ବହିରେ ବହି

ବହିରେ ବହି ସେ ପଢ଼ରେ ନେଇ
ଦେଖାଏ ଜ୍ଞାନର ଆଲୋକ ସେହି।
ଯେ ଜାଣେ ତା ମୂଲ ଆଦର କରେ
ପଢ଼ିଲେ ବୁଦ୍ଧିଟି ମଥାରେ ଭରେ।
ଗ୍ରନ୍ଥ, ପୁସ୍ତକ ଯେ ତା' ଅନ୍ୟ ନାମ
ଆମ ହିତେ କରେ ସଦା ସେ କାମ।
ହୀରା ସୁନା ପରି ଅମୂଲ ମୂଲ
ଦୁନିଆରେ ନୁହଁ କିଏ ତା ତୁଲ।
ସେ କହେ କେବେରେ ପୁରାଣ ଗାଥା
ଦିଏରେ ସାହିତ୍ୟ, ବିଜ୍ଞାନ ବାର୍ତ୍ତା।
କେତେ ପାଠ କଥା ତା ଦେହେ ଲେଖା
ସେ ସାଥୀ ଆମର ଜୀବନେ ଏକା।

**– ନୀଳମଣି ଚାନ୍ଦ**
ମନ୍ତ୍ର ମାନୋର, ଭୁବନେଶ୍ୱର
ମୋ: ୯୫୮୩୨୦୨୩୫୭

### ମାଆ ପରି କିଏ ହେବ

ଆକାଶଠୁ ବଡ଼ ବିଶାଳ ହୃଦୟ
ମାଆ ପରି କିଏ ହେବ
ତା ସ୍ନେହ ମମତା ଅମାପ ଅଟଇ
ପାଖକୁ କୋଳେଇ ନେବ।
ଦୁଃଖ ଯନ୍ତ୍ରଣାରେ ଦିନ ତା ବିତାଇ
ଜନମ ଦେଇଛି ମତେ
ଅଳି ଅରଦଳି ସବୁ ସେ ସହିଛି
ପାଳିଛି ତାହାର ହାତେ।
ହାତ ଧରି ମୋର ଚାଲି ଶିଖାଇଛି
ତୁଣ୍ଡରେ ଆହାର ଦେଇ
ନିଜେ ଭୋକେ ରହି ମୋ ପେଟ ଭରିଛି
ପେଟେ ଓଦାକନା ଦେଇ।
ସରଳ ସୁନ୍ଦର ଶବଦଟେ ସିନା
ତା'ଠାରୁ ନାହିଁ କେ ବଡ଼
ତା ଶୁଭ ଆଶିଷ ମଥା ପରେ ଥିଲେ
ସନ୍ତାନ ଜିଣଇ ଗଡ଼।

**– ନଳିନୀ ଦାଶ**
ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

### ଆସୁଛି ମୌସୁମୀ

କହିଲା କୁନା ଗ୍ରୀଷମ କଷ୍ଟ
ସହି ହଉନି ଜମା,
ସେ କଷ୍ଟ ଏବେ ହେବରେ ଦୂର
ବୁଝାଇଦେଲେ ମାମା।
ସୂର୍ଯ୍ୟ ଦେବତା ଭୂଇଁ ଉପରୁ
ଶୋଷିଲେ ଯେତେ ଜଳ,
ସେ ଜଳରାଶି ମେଘ ରୂପରେ
ଆକାଶେ ଅଛି ଠୁଳ।
ବାଣ, ରୋଶଣି, ବରଷା ଘେନି
ଆସୁଛି ମଉସୁମୀ,
ପରଶେ ତା'ର ସଜଳ ହେବ
ପୁଣି ନିର୍ଜଳ ଭୂମି।
ନିଦାଘ ତାପୁଁ ପାଇବେ ମୁକ୍ତି
ଉଦ୍ଭିଦ ଆଉ ପ୍ରାଣୀ,
ଫୁଲ ଫଳରେ ହସି ଉଠିବ
ପୁଣି ଧରଣୀ ରାଣୀ।
ବର୍ଷାଋତୁକୁ ଆହ୍ୱାନ ଦେଇ
ନିଦାଘ ଯିବ ଖସି,
ମୌସୁମୀକୁ ସ୍ୱାଗତ ଆମେ
କରିବା ହସି ହସି।

**– ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

## ଏଥରର

- କେଉଁ ମସିହାରେ ଟାଇଟାନିକ୍ ଜାହାଜ ବୁଡିଯାଇଥିଲା ?
- ପ୍ରଥମ ମାନବକୃତ ସାଟେଲାଇଟ୍ ?
- ଦି ଗ୍ରେଟ୍ ୱାଲ୍ ଅଫ୍ ଚାଇନା କେଉଁ ରାଜବଂଶ ସମୟରେ ପ୍ରଥମେ ନିର୍ମାଣ ହୋଇଥିଲା ?
- ବର୍ଲିନ୍ ୱାଲ୍ କେବେ ଭାଙ୍ଗିଥିଲା ?
- କେଉଁ ଦେଶରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଥିଲା ?

## ଗତଥରର ଉତ୍ତର

- କାନାଡା
- ଦକ୍ଷିଣ ଆମେରିକା
- କାନବେରିଆ
- ରୋମ୍
- ଆଲ୍‌ଜେରିଆ

## କହିଲ ଦେଖି



ବରଡା ପତର ବାଉଁଶ ନଳ
ଦୁଇ ଭାଇ ମିଶି ଗଢ଼ିଲେ କଳ
ଚାଲିଲା କଳ, ମରିଲା ଝାଳ
ବିଜୁଳି ପଙ୍ଖାକୁ ପଡ଼ିଲା କାଳ

**ଉ- ବିଞ୍ଚଣା**



ଆଗରେ ଗୋଡ଼ ପଛରେ ଗୋଡ଼
ଚାଲିଲେ ଶୁଭେ ଫଅଡ଼ ଫଡ଼
ଦଉଡ଼େ ତେଲ ପିଇ,
କାନ ମୁଣ୍ଡାକୁ ମୋଡ଼ି ଧରିଲେ
ପଳାଏ ଘାଇଁ ଘାଇଁ

**ଉ- ମୋଟରସାଇକେଲ**



ଫଳ ଫୁଲ ସବୁ ଯୋଗାଏ ନିତି
ବଞ୍ଚାଇ ରଖିଛି ମଣିଷ ଜାତି
ତା ' ଅଭାବେ ଅମ୍ଳଜାନ
ଧରିତ୍ରୀ ବକ୍ଷରୁ ନିଃଶେଷ ହୋଇବ
ଦେଶ ହେବ ଜୀବ ଶୂନ୍ୟ

**ଉ- ଗଛ**

ଖଣିରୁ ଜନମ ଅଟେ ତାହାରି
ଓଜନ ତାହାର ଅଟଇ ଭାରି
ତାହା ଯୋଗୁ ବନେ ଶୁନୁ ଗାଡ଼ିଟି
ତା ବଳେ ବଲୁଆ ଘର ଛାତଟି
ଜାଣିଥିଲେ କୁହ ତା'ର ନାମଟି

**ଉ- ଲୁହା**



ବଡ ଚାଲାକି ସେ ଗୁଣିଆ ଭାଇ
ନାକ ଓ କାନରେ ବସଇ ଯାଇ
ବସିଲେ ଅନ୍ଧାର ତୋଫା ଦିଶଇ
ବୁଢ଼ାରୁ ଟୋକା,
ତା ଯୋଗୁ ଦେଖିଲେ ସବୁଠି ସଫା

**ଉ- ଚଷମା**


**– ମୋହନ କୁମାର ସ୍ୱାଇଁ**
ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

# ଜଣା ଅଜଣା




## ଭୟଙ୍କର ଜଙ୍ଗଲ

ବିଶ୍ୱରେ ଏମିତି କିଛି ସ୍ଥାନ ରହିଛି, ଯାହା ଅତ୍ୟନ୍ତ ଭୟଙ୍କର ହୋଇଥାଏ। କିନ୍ତୁ ଏଠାରେ ଏପରି ଏକ ଜଙ୍ଗଲ ବିଷୟରେ ସୂଚନା ଦିଆଯାଉଛି, ଯାହା ଅତ୍ୟନ୍ତ ଭୟଙ୍କର। ଯେଉଁଠାକୁ ଯିବାକୁ ସରକାର ଜନସାଧାରଣଙ୍କୁ ବାରଣ କରିଛନ୍ତି। କଥିତ ଅଛି ଯେ, ଏହି ଜଙ୍ଗଲ ମଧ୍ୟକୁ ଯିଏ ଥରେ ପ୍ରବେଶ କରିଛି ସେ କେବେ ସେଠାରୁ ଫେରିନାହିଁ। ଏହି ଜଙ୍ଗଲଟି ରୋମାନିଆର ଟ୍ରାନ୍ସିଲଭିୟା ପ୍ରାନ୍ତ କ୍ଲୁଜ୍ କାଉଣ୍ଟିରେ ଅବସ୍ଥିତ। ଏହା କ୍ଲୁଜ୍ ନେପୋକା ସହରର ପଶ୍ଚିମ ଭାଗରେ ଦେଖିବାକୁ ମିଳିଥାଏ। ଜଙ୍ଗଲଟି ପ୍ରାୟ ୭୦୦ ଏକର ଅଞ୍ଚଳରେ ପରିବ୍ୟାପ୍ତ। ଏହି ଜଙ୍ଗଲକୁ ପ୍ରାୟ ୧୦୦ରୁ ଅଧିକ ଲୋକ ଯାଇଛନ୍ତି, ହେଲେ ତାଙ୍କ ମଧ୍ୟରୁ କେହି ଫେରିନାହାନ୍ତି। ଏହି ଜଙ୍ଗଲର ନାମ 'ହୋୟାବସୁ', ଯାହାକୁ ବିଶ୍ୱର ସବୁଠାରୁ ଭୟାନକ ଜଙ୍ଗଲ କୁହାଯାଏ। ରୋମାନିଆର 'ବରମୁଣ୍ଡା ଟ୍ରାଙ୍ଗଲ' ନାମରେ ଏହା ମଧ୍ୟ ନାମିତ। ଏହି ଜଙ୍ଗଲରେ ଭୂତପ୍ରେତ ରୁହନ୍ତି ବୋଲି କୁହାଯାଇଥାଏ।



## ବଡ଼ ବିଲେଇ

ପୋଷା ପ୍ରାଣୀମାନଙ୍କ ମଧ୍ୟରେ ବିଲେଇ ଅନ୍ୟତମ। ହେଲେ ରୁଷିଆରେ ଏପରି ଏକ ବିଲେଇ ଅଛି, ଯାହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ଏହି ବିଲେଇଟିର ମାଲିକାଣୀ ହେଉଛନ୍ତି ରୁଷିଆର ଷ୍ଟାରୀ ଓସଲାକ୍‌ରେ ରହୁଥିବା ଲୁଲିୟା ମିନିନା। ପ୍ରାଣୀଙ୍କୁ ଭଲପାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ସେ ଅନ୍ୟତମ। ଲୁଲିୟା ଏହି ବିଲେଇକୁ ତାଙ୍କର ଜଣେ ଅନ୍ତରଙ୍ଗ ସାଥୀ ଭାବରେ ଗ୍ରହଣ କରିନେଇଛନ୍ତି। ବେଶ୍ ଶ୍ରଦ୍ଧାରେ ସେ ଏହାର ନାମ ଦେଇଛନ୍ତି 'କେପର'। ଏହାକୁ ଯିଏ ପ୍ରଥମେ ଦେଖିବ ଡରିଯିବ। କାରଣ ତା'ର ବିଶାଳକାୟ ଶରୀର ମନରେ ଏକ ଭୟଙ୍କର ବିଲେଇର ଭ୍ରମ ସୃଷ୍ଟି କରିଥାଏ। ଏପରି କି ତାହାର ଆକାର ଏକ କୁକୁର ସହ ସମାନ। କିନ୍ତୁ ବାସ୍ତବରେ ଏହି ବିଲେଇ ଶାନ୍ତ ଶିଷ୍ଟ। ମାଲିକାଣୀଙ୍କ ପାଖରେ ସବୁବେଳେ ରହିବା ସହ ସେ ତାଙ୍କ ସହ ପ୍ରାୟ ଖେଳିଥାଏ। ବିଲେଇଟି ଛୋଟ ଥିବା ବେଳେ ୨୦୨୨ରେ ସେ ତାକୁ ଆଣିଥିଲେ। ଯତ୍ନ ସହକାରେ ତାହାର ଲାଳନ ପାଳନ କରିଥିଲେ। କିନ୍ତୁ ମାତ୍ର ଦୁଇ ବର୍ଷ ଭିତରେ ଏହାର ଶରୀରରେ ଏଭଳି ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ତାହାର ବିଶାଳ ଶରୀର ଏବଂ ଭୟଙ୍କର ମୁହଁ ଦେଖି ନିଜେ ଲୁଲିଆ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କିନ୍ତୁ ବିଲେଇର ବ୍ୟବହାରରେ କୌଣସି ପରିବର୍ତ୍ତନ ଘଟି ନ ଥିଲା। ସ୍ଥାନୀୟ ଲୋକମାନେ ଏହାକୁ ଦେଖିବା ପରେ ତାକୁ 'ବଡ ବିଲେଇ' ବୋଲି ସମ୍ବୋଧନ କରିଥାଆନ୍ତି।



## କ୍ଷୁଦ୍ରତମ ଜେଲ

ଏମିତି ଏକ ଜେଲ ରହିଛି, ଯାହା ସବୁଠାରୁ ଛୋଟ। କଥାଟି ବିଶ୍ୱାସ ନ ହେଲେ ମଧ୍ୟ ସତ। ଏହି କ୍ଷୁଦ୍ରତମ ଜେଲଟି ବ୍ରିଟେନ୍‌ର ଏକ ଛୋଟ ଆଇଲାଣ୍ଡରେ ଅବସ୍ଥିତ। ଏହି ଜେଲଟି ୧୬୮ବର୍ଷ ହେବ ନିର୍ମିତ ହୋଇଛି। ଏହା ଏତେ ଛୋଟ ଯେ, ଏଥିରେ କେବଳ ଦୁଇ ଜଣ କଏଦୀ ରହିପାରିବେ। ସର୍କ ଆଇଲାଣ୍ଡରେ ତିଆରି ହୋଇଥିବା ଏହି ଜେଲକୁ ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ଜେଲ କୁହାଯାଏ। ୧୮୫୬ରେ ଏହାକୁ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ସର୍କ ଜେଲରେ ଲାଇଟ୍ ଏବଂ ଟୟଲେଟ୍‌ରେ କିଛିଟା ପରିବର୍ତ୍ତନ ହୋଇଛି, କିନ୍ତୁ ବାକି ସବୁ ସେମିତି ରହିଛି। ଏହି ଆଇଲାଣ୍ଡଟି ମାତ୍ର ୫.୪ବର୍ଗ କି.ମି ଅଞ୍ଚଳରେ ବ୍ୟାପ୍ତ। ୨୦୨୩ ଜନଗଣନା ଅନୁଯାୟୀ ଏହି ଆଇଲାଣ୍ଡରେ ମାତ୍ର ୫୬୨ଲୋକ ବସବାସ କରୁଛନ୍ତି। ଜେଲଟି ନିର୍ମିତ ହେବାକୁ ୨୪ବର୍ଷ ସମୟ ଲାଗିଥିଲା। ଉକ୍ତ ଜେଲରେ ଜଣେ ଅପରାଧୀକୁ ଅତିକମ୍‌ରେ ଦୁଇରୁ ତିନିଦିନ ପର୍ଯ୍ୟନ୍ତ ରଖାଯାଇଥାଏ।




## ହାତୀ ମଳରୁ କାଗଜ



ହାତୀ ମଳରୁ କ'ଣ କାଗଜ ପ୍ରସ୍ତୁତ ହୋଇପାରିବ? ଏଭଳି କଥା ପଛରେ ସତ୍ୟତା ରହିଛି। ଶ୍ରୀଲଙ୍କାରେ ହାତୀ ମଳରୁ କାଗଜ ପ୍ରସ୍ତୁତ ହେଉଛି। ଥୁସିଆ ରାନାସିଧେ ପରିବାରର ୩ ପିଢ଼ି ଏହି ବ୍ୟବସାୟ ସହ ଜଡ଼ିତ। ୨୪ ବର୍ଷ ପୂର୍ବେ ଥୁସିଆଙ୍କ ମୁଣ୍ଡକୁ ଏଭଳି ଏକ ଅଜବ ଆଇଡିଆ ଜୁଟିଥିଲା। ସେ ହାତୀ ଗୋବରରୁ କାଗଜ ପ୍ରସ୍ତୁତ କରିବେ ବୋଲି ଏକ ଯୋଜନା ପ୍ରସ୍ତୁତ କରିଥିଲେ। ଶ୍ରୀଲଙ୍କାରେ ୨୫୦୦ରୁ ୪୦୦୦ଟି ହାତୀ ରୁହନ୍ତି। ଏମାନଙ୍କ ମଳରେ ଫାଇବର ରହିଛି, ଯାହା ସାହାଯ୍ୟରେ ପେପର ଖୁବ୍ ସହଜରେ ପ୍ରସ୍ତୁତ ହୋଇପାରୁଛି। ଏହି କାଗଜରୁ ବହି, ଖାତା ମଧ୍ୟ ପ୍ରସ୍ତୁତ ହେଉଛି। ଆଉ ଏହି କାଗଜ ପ୍ରାୟ ୩୦ଟି ଦେଶରେ ବିକ୍ରି ହେଉଛି। ଏବେ ଏହି କମ୍ପାନୀରେ ୧୨୦ଜଣ କର୍ମଚାରୀ ଅଛନ୍ତି, ଯେଉଁମାନେ କି ଅଲଗା ଅଲଗା ଲୋକେସନ୍‌ରେ କାମ କରୁଛନ୍ତି।

# ଆ
# ଇ
# ନା



**ଦିତୀଶ୍ରୀ ସ୍ୱାଇଁ**
୪ ବର୍ଷ/ଭୁବନେଶ୍ୱର



**ସାଇ ଇସାନା ପତି**
୩ ବର୍ଷ/କେରଳ